ଓଡ଼ିଶା ଭାସ୍କର
ODISHA BHASKAR

### ଆଇ.ଟି.ଇ.ଆର୍‌ର ବାର୍ଷିକ ଉତ୍ସବ ଜେନେସିସ୍-୧୦ ଉଦ୍‌ଘାଟିତ

# ପ୍ରତିଯୋଗୀ ମନୋଭାବ ହିଁ ସଫଳତାର ଚାବିକାଠି



ଭୁବନେଶ୍ୱର : ପୂର୍ବ ଭାରତର ଅଗ୍ରଣୀ ବୈଷୟିକ ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଆଇ.ଟି.ଇ.ଆର କଲେଜର ବାର୍ଷିକ ଉତ୍ସବ ଜେନେସିସ୍-୧୦ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଜାଗମରାସ୍ଥିତ ନିଜସ୍ୱ କ୍ୟାମ୍ପସଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗୀ ମନୋଭାବ ହିଁ ସଫଳତାର ଚାବିକାଠି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । କଲେଜର ଡିନ୍ ପ୍ରଫେସର କେ.କେ. ମିଶ୍ରଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ମାନିତ ଅତିଥି ତଥା ୱିପ୍ରୋର ଅନ୍ତର୍ଜାତିକ ମାନବ ସମ୍ବଳ ମୁଖ୍ୟ କାନନ ରାମାୟା ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ । ଡିନ୍ ପ୍ରଫେସର ମିଶ୍ର ସଂକ୍ଷିପ୍ତରେ ଅନୁଷ୍ଠାନର ସଫଳତା ବିଷୟରେ ସମ୍ୟକ ଧାରଣା ସହିତ ଅତିଥିମାନଙ୍କର ପରିଚୟ ତଥା ସ୍ୱାଗତ ଭାଷଣ ପରିବେଷଣ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ତଥା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗର ଡିନ୍ ପ୍ରଫେସର ଏସ୍.ସି. ମିଶ୍ର ଭବିଷ୍ୟତରେ ନିଜର ବ୍ୟସ୍ତବହୁଳ କାର୍ଯ୍ୟ ମଧ୍ୟରୁ କିଛି ସମୟ ଉଚ୍ଚତର ଶିକ୍ଷା ତଥା ଗବେଷଣାରେ ବିନିଯୋଗ କରିବା ପାଇଁ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ସେ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଶ୍ରୀ କାନନ ରାମାୟା ତାଙ୍କର ଅଭିଭାଷଣରେ ପିଲାମାନଙ୍କୁ ଧୈର୍ଯ୍ୟଶୀଳ ହେବା ପାଇଁ କହିବା ସହିତ ଆମ ପିଲାମାନଙ୍କ ପାଖରେ ଯେ କୌଣସି ନୂତନ କାର୍ଯ୍ୟପାଇଁ ପ୍ରବଳ ଇଚ୍ଛାଶକ୍ତି ଏବଂ କ୍ଷମତା ଭରପୁର ଥିବାର ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ୨୩ ତାରିଖରୁ ଆରମ୍ଭ ହୋଇଥିବା ଟେକ୍ ଫେଷ୍ଟ 'ଚକ୍ରବ୍ୟୁହ'ର ବିଭିନ୍ନ ପ୍ରତିଯୋଗିତାରେ ଉନ୍ନତି ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ବିଭିନ୍ନ ମହାବିଦ୍ୟାଳୟର ପ୍ରାୟ ୯୪୦ ଜଣ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଡିନ୍ ପ୍ରଫେସର ମିଶ୍ର ସମ୍ମାନିତ ଅତିଥି କାନନ ରାମାୟାଙ୍କୁ ମେମେଣ୍ଟୋ ପ୍ରଦାନ କରିଥିଲେ । ଶେଷରେ ଅନୁଷ୍ଠାନର ଅତିରିକ୍ତ ଡିନ୍ ପ୍ରଫେସର ଆର.କେ. ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ନିର୍ଦ୍ଦେଶକ ଡଃ. ମାନସ ମଲ୍ଲିକ, ପ୍ରଫେସର ବି.କେ. ସରାପ, ବିଭିନ୍ନ ବିଭାଗର ମୁଖ୍ୟ, ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ତଥା କର୍ମଚାରୀମାନେ ଉପସ୍ଥିତ ରହି ଉପଭୋଗ କରିଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମନୋରଞ୍ଜନ ନାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।